# ODIA

*(Maximum Marks : 80 )*
*(Time allowed : Three hours)*

*(Candidates are allowed* ***additional 15 minutes*** *for* ***only*** *reading the paper.*
*They must NOT start writing during this time.)*

---

*Answer questions* ***1, 2 and 3*** *in Section A and* ***four*** *other questions from Section* ***B****, on* ***at least three*** *of the prescribed textbooks.*
*The intended marks for questions or parts of questions are given in brackets [ ].*

---

## SECTION — A

## LANGUAGE — 40 Marks

**Question 1**

Write a composition of approximately **400** words in **Odia** on any **one** of the following topics :— [15]

ନିମ୍ନଲିଖିତ ବିଷୟ ମଧ୍ୟରୁ ଯେ କୌଣସି **ଗୋଟିକ** ବିଷୟରେ ଏକ ରଚନା **ଓଡ଼ିଆରେ** ପ୍ରାୟ ୪୦୦ ଶବ୍ଦରେ ଲେଖ :—

(i) ଗ୍ରୀଷ୍ମ ଋତୁରେ ସର୍ବାଧିକ ଉତ୍ତାପ ଥିବା ଦିନ ତୁମେ କିପରି ଯାତ୍ରା କରିଥିଲ ତାହା ବର୍ଣ୍ଣନା କର ?

(ii) ଉତ୍ତମ ସ୍ୱାସ୍ଥ୍ୟ ପ୍ରଚୁର ସମ୍ପଦଠାରୁ ଅଧିକ ଆବଶ୍ୟକ : ଏହାଉପରେ ଆଲୋଚନା କର ।

(iii) ପିଲାମାନଙ୍କର ପାଠପଢ଼ା ଉପରେ ପିତାମାତା ଅତ୍ୟଧିକ ଚାପ ଦେବା ଉଚିତ - ଏହାର ସପକ୍ଷରେ ବା ବିପକ୍ଷରେ ତୁମର ମତ ପ୍ରଦାନ କର ।

(iv) ଆଧୁନିକ ଯୁଗରେ ମନୁଷ୍ୟର ଜୀବନ ଏକ "ଯନ୍ତ୍ର ଚାଳିତ ଜୀବନ" କହିଲେ ଅତ୍ୟୁକ୍ତି ହେବ ନାହିଁ - ଏହି ବିଷୟରେ ତୁମର ମତ ପ୍ରଦାନ କର ।

(v) ପର୍ଯ୍ୟଟନର ଆବଶ୍ୟକତା ।

(vi) କୌଣସି ଗୋଟିଏ ବିଷୟରେ, ଏକ ମୌଳିକ କ୍ଷୁଦ୍ର ଗଳ୍ପ, ତୁମ ନିଜ ଭାଷାରେ ଲେଖ ।

  (a) ଉପଦେଶ ଅପେକ୍ଷା ଉଦାହରଣ ଭଲ ।

  (b) ଇଚ୍ଛା ଥିଲେ ଉପାୟ ମିଳେ ।

---

**Question 2**

Read the passage given below carefully and answer in **Odia** the questions **(i)**, **(ii)**, **(iii)**, **(iv)** & **(v)** that follow :— **[15]**

ନିମ୍ନୋକ୍ତ ଗଦ୍ୟାଂଶଟି ପଢ଼ି ନିମ୍ନଲିଖିତ (i), (ii), (iii), **(iv)** ଓ **(v)** ପ୍ରଶ୍ନମାନଙ୍କର ଉତ୍ତର ଓଡ଼ିଆରେ ଲେଖ :—

ନୂଆ ଘରପାଇଁ ଖୁଣ୍ଟ ପଡ଼ିଲାବେଳେ ଗାଁ ପୁରୋହିତ ମନ୍ତ୍ରପଢ଼ି ନଡ଼ିଆ ଭାଙ୍ଗେ । ମନେ ହୁଏ ସତେ କ'ଣ ନଡ଼ିଆ ନ ଭାଙ୍ଗିଲେ ଘରଟା ଭାଙ୍ଗି ପଡ଼ିଥାନ୍ତା । କିନ୍ତୁ ଦେଖିବେ ଖାଲି ଗାଁ କଥା ନୁହେଁ; ହୀରାକୁଦ ଓ ଭାକ୍ରାନଙ୍ଗଲ ପରି ପୃଥିବୀ ବିଖ୍ୟାତ ବନ୍ଧ ତିଆରି ହେଲାବେଳେ ମଧ୍ୟ ବ୍ରାହ୍ମଣ ବେଦ ପଢ଼ନ୍ତି, ନଡ଼ିଆ ଭାଙ୍ଗନ୍ତି, ଶିଳାନ୍ୟାସ କରନ୍ତି । ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ କିଛି ବୈଦିକ ପଣ୍ଡିତ ନୁହଁନ୍ତି, ବିଲାତ ପଢୁଆ ବୈଜ୍ଞାନିକ । ତେବେ ବି ସେ ମୁଣ୍ଡ ନୁଆଇଁ ପୁରୋହିତଙ୍କ ହାତରୁ ପୁଷ୍ପଚନ୍ଦନ ନିଅନ୍ତି । ମନରେ ପୁଣି ସେହି ପ୍ରଶ୍ନ ଉଠେ - ପୃଥିବୀ ବିଖ୍ୟାତ ବୈଜ୍ଞାନିକମାନେ ଇଞ୍ଚ ଇଞ୍ଚ ମାପକରି ବନ୍ଧ ପକାଇବେ; ବିଜ୍ଞାନର ଯେତେ ଯାହା କାରସାଦି ଅଛି ସବୁ ଆଣି ଯୋଗାଇଦେବେ । ତଥାପି ଏ ବେଦମନ୍ତ୍ର ଓ ଦୂର୍ବାକ୍ଷତର ଅର୍ଥ କ'ଣ ? ଏ କଥା ଯେ କୌଣସି ଲୋକଙ୍କୁ ପଚାରିଲେ ଉତ୍ତର ମିଳେ, ଏଟା ଆମ ପ୍ରାଚୀନ ସଂସ୍କାର, ଆମ ସଂସ୍କୃତି । ଏହି ସଂସ୍କୃତିକୁ ସହଜରେ ମନୁଷ୍ୟ ଭୁଲେ ନାହିଁ ।

ଗଲାବର୍ଷ ରାଜାଜୀ ଭାରତୀୟ ବିଦ୍ୟାଭବନରେ ଭାରତୀୟ ସଂସ୍କୃତି ବିଷୟରେ ତିନୋଟି ଭାଷଣ ଦେଇଥିଲେ । ତାଙ୍କ ପ୍ରଥମ ଭାଷଣରେ ସେ ଭାରତୀୟ ସଂସ୍କୃତିକୁ 'ଆତ୍ମ ସଂଯମର ସଫଳ ଅଭ୍ୟାସ' ବୋଲି ଆଖ୍ୟା ଦେଇଥିଲେ । ତାଙ୍କ ମତରେ କାୟ, ମନ, ବାକ୍ୟସର୍ବତ୍ର ସଂଯମ ହିଁ ତପସ୍ୟା ଓ ସେହି ତପସ୍ୟା ହିଁ ଭାରତର ସଂସ୍କୃତି । ସତ୍ୟ, ସଂଯମ ଓ ସାଧୁତା ହିଁ ଏହି ସଂସ୍କୃତିର ଲକ୍ଷଣ । ତାଙ୍କ ଦ୍ୱିତୀୟ ଭାଷଣରେ ଆମ ପରିବାର ଓ ସମାଜକୁ ଆମ ସଂସ୍କୃତି ଦୃଷ୍ଟିରୁ ବିଶ୍ଳେଷଣ କରିଥିଲେ । ଆମ ଏକାନ୍ନବର୍ତ୍ତୀ ପରିବାରକୁ ସେ ଆମ ସଂସ୍କୃତିର ଏକ ବୈଶିଷ୍ଟ୍ୟ ବୋଲି କହିଥିଲେ । ଯେଉଁ ଜାତିର ଜାତିଆଣ ଭାବ, ଜାତିପ୍ରୀତି କିମ୍ବା ପ୍ରିୟାପ୍ରୀତି-ତୋଷଣକୁ ଆଜି ନାନା ଭାବରେ ସମାଲୋଚନା କରାଯାଉଛି ତାକୁ ସେ ଏକ ପ୍ରକାର ଜନମଙ୍ଗଳ ସମାଜବାଦର ଅନ୍ୟରୂପ ବୋଲି ବର୍ଣ୍ଣନା କରିଥିଲେ । ଅବଶ୍ୟ ଆମର ଯାହା ଚାଲିଛି ଓ ସେ ଯେଉଁ ଆଦର୍ଶ ଦୃଷ୍ଟିକୋଣରୁ ତାକୁ ବିଚାର କରିଥିଲେ ସେ ଦୁଇ କଥାକୁ କେହି ଏକ ବୋଲି ଭାବିବା ଉଚିତ ନୁହେଁ । ତାଙ୍କ ତୃତୀୟ ଭାଷଣରେ ଭାରତୀୟ ଜୀବନର ପ୍ରତ୍ୟେକ ବିଭାଗରେ ଆଧ୍ୟାତ୍ମିକତାର ପ୍ରାଧାନ୍ୟ ଦେଖାଇବା ପାଇଁ ସେ ଚେଷ୍ଟା କରିଥିଲେ । ଆମ ଲୋକଙ୍କର 'ସକଳ ଦେହେ ନାରାୟଣ' ଭାବନା, ନିରାମିଷ ଭୋଜନ,

ସନ୍ନ୍ୟାସ, ଦାନ, ଧର୍ମ ଓ ଯଜ୍ଞ; ଏସବୁର ଏକମାତ୍ର କାରଣ ପୁନର୍ଜନ୍ମ ଓ କର୍ମଫଳର ବିଶ୍ୱାସ ବୋଲି ସେ କହିଥିଲେ । ଆମ ବାହାଘର ହାତଗଣ୍ଠି ନୁହେଁ, ହୃଦୟର ଗଣ୍ଠି । ଏଥିରେ ପାଞ୍ଚ ଦିନିଆ ପ୍ରେମ ପରେ ଗୋଇଠାମାଡ଼ କିମ୍ବା ଛାଡ଼ପତ୍ର ନଥାଏ; ସ୍ୱାମୀର ମୃତ୍ୟୁପରେ ମଧ୍ୟ ତାହା ବୈଧବ୍ୟର ତପସ୍ୟାରେ ଉଜ୍ଜ୍ୱଳ ହୋଇଉଠେ । ଅନ୍ୟ ପତି ଅନ୍ୱେଷଣରେ ସେ ଅସ୍ତବ୍ୟସ୍ତ ହୁଏ ନାହିଁ । ଅତିଥି ଦେବତାର ସେବା, ଭିକ୍ଷୁକର ଭିକ୍ଷାଥାଳରେ ଅନ୍ନଦାନ ପ୍ରଭୃତି ଯାବତୀୟ ଉଦାରତା ମୂଳରେ ଥାଏ ସେହି କର୍ମଫଳର ବିଶ୍ୱାସ ।

(i) ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ ବିଲାତ ପଢୁଆ ବୈଜ୍ଞାନିକ ହୋଇ ମଧ୍ୟ ମୁଣ୍ଡ ନୁଆଁଇ ପୁରୋହିତଙ୍କ ଠାରୁ କ'ଣ ନେଇଥାନ୍ତି ଏବଂ କାହିଁକି ?

(ii) ରାଜାଜୀ ଭାରତୀୟ ବିଦ୍ୟାଭବନରେ ଭାରତୀୟ ସଂସ୍କୃତି ବିଷୟରେ କେତୋଟି ଭାଷଣ ଦେଇଥିଲେ ଏବଂ ପ୍ରଥମ ଭାଷଣରେ ସେ କ'ଣ କହିଥିଲେ ?

(iii) ରାଜାଜୀ ତାଙ୍କର ଦ୍ୱିତୀୟ ଭାଷଣରେ କ'ଣ କହିଥିଲେ ?

(iv) ରାଜାଜୀ ତାଙ୍କର ତୃତୀୟ ଭାଷଣରେ କ'ଣ କହିଥିଲେ ?

(v) ନୂଆଘର ଖୁଣ୍ଟି ପଡ଼ିଲା ବେଳେ ଗାଁ ପୁରୋହିତ କଣ କରନ୍ତି ଏବଂ ଏହା ନ କଲେ କଣ ହେବ ବୋଲି ଗାଁ ଲୋକମାନେ ବିଶ୍ୱାସ କରନ୍ତି ?

**Question 3**

(a) Use any **five** of the following words in sentences of your own :— [5]

ନିମ୍ନଲିଖିତ ଶବ୍ଦମାନଙ୍କ ମଧ୍ୟରୁ ଯେ କୌଣସି **ପାଞ୍ଚଗୋଟି** ଶବ୍ଦ ବ୍ୟବହାର କରି ବାକ୍ୟ ଗଠନ କର :—

ଚଉକିଦାର, ବାଲୁତ, ଯାଆଁଳା, ଧରଣୀ, ଅନୁକୂଳ, ମନଲାଖି, ଶୁନଶାନ୍, ସଫଳ, ବିରହ, ନୁଖୁରା ।

(b) Write the meanings of any **five** of the following idioms in **Odia** :— [5]

ନିମ୍ନଲିଖିତ ରଢ଼ିପ୍ରୟୋଗ ମଧ୍ୟରୁ ଯେ କୌଣସି **ପାଞ୍ଚଗୋଟି** ଶବ୍ଦର ଅର୍ଥ ଓଡ଼ିଆରେ ଲେଖ :-

ଅମୃତ ହାଣ୍ଡିରେ ବିଷ ଦେବା, ଅଜାତିକୁ ବଣିଜ ଅଡୁଆ, ଅଳସୁଆର ବାରବାଟୀ ଚାଷ, ଋଷି ବାଳ ଛିଣ୍ଡାଇ ମରିବା, ଡେଙ୍ଗା ମୁଣ୍ଡରେ ଠେଙ୍ଗା, ଭେଳା ବୁଡ଼ିବା, ବେଢ଼ି ଉପରେ କୋରଡ଼ା, ଲଙ୍କାରେ ହରିଶବ୍ଦ, ସଜ ମାଛରେ ପୋକ ପକାଇବା, ମୁହଁ କଳା ପଡ଼ିଯିବା ।

## SECTION — B

## PRESCRIBED TEXTBOOKS — 40 Marks

*Answer **four** questions from this Section on **at least three** of the prescribed textbooks.*

### "ପଲ୍ଲିଶ୍ରୀ"

### PALLISHREE

**Question 4**

"ମୁଁ ତ ଭୁଥ ନାହାକ ଝୁଅ" କବିତାରୁ ଭୁଥ ନାହାକ ଝୁଅର ଚରିତ୍ର ଚିତ୍ରଣ କର । [ 10 ]

**Question 5**

ଛ କଡ଼ି ମା'ମଙ୍ଗଳା ପାଖରେ ଯାଆଁଳା କୁକୁଡ଼ା ଦବବୋଲି କାହିଁକି ମନାସକଲା ? "ଭୂତ ଛଡା" କବିତାର ଅବଲମ୍ବନରେ ଲେଖ । [ 10 ]

**Question 6**

କବିଙ୍କ ରଚନାରେ "ଗ୍ରାମ ଶ୍ମଶାନ" କିପରି ଯୋଗୀର ରୂପକଳ୍ପରୁ ମାତୃମୟୀ କମନୀୟ ବସୁନ୍ଧରାରେ ପରିଣତ ହୋଇଛି ବର୍ଣ୍ଣନା କର । [ 10 ]

### "ଦିଗ୍ ଦର୍ଶକ"

### DIG DARSAK

**Question 7**

ଲିଓନାର୍ଡୋ ଦାଭିନ୍‌ସିଙ୍କ କେଉଁ କଳାକୃତି ତାଙ୍କୁ ଏ ପର୍ଯ୍ୟନ୍ତ ଅମର କରି ରଖିଛି । ଏହାର ବିଶେଷତ୍ୱ କଅଣ ? [ 10 ]

**Question 8**

ଡାରଉଇନ୍‌ଙ୍କ ବିବର୍ତ୍ତନବାଦ ସମ୍ବଳିତ ପୁସ୍ତକର ସଂକ୍ଷିପ୍ତ ନାମ କ'ଣ ଥିଲା ଏବଂ ଏହା ପ୍ରକାଶିତ ହେବା ପରେ ସମାଜର ବିଭିନ୍ନ ସ୍ତରରେ ପ୍ରତିକ୍ରିୟା ଦେଖା ଦେଇଥିଲା ଆଲୋଚନା କର । [ 10 ]

**Question 9**

ଆଇନ୍‌ଷ୍ଟାଇନ୍‌ଙ୍କ ଜୀବନ ଉପରେ ଆଲୋକପାତ କର । [10 ]

---

## "ଗଳ୍ପ ବାରିଧି"

## GALPA BARIDHI

**Question 10**

ନାରୀଶିକ୍ଷା ବିରୁଦ୍ଧରେ ସାମାଜିକ ଅନ୍ଧବିଶ୍ୱାସ କିପରି ଭାବରେ "ରେବତୀ" ଗଳ୍ପଟିରେ ପ୍ରତିଫଳିତ ହୋଇଛି ଲେଖ । [ 10 ]

**Question 11**

"ପାଟଳ" ଗଳ୍ପର ଅନୁସରଣରେ ଯଜ୍ଞେଶ୍ୱର ମିଶ୍ର ଚରିତ୍ରର ବିଶେଷତ୍ୱ ପ୍ରତିପାଦନ କର । [ 10 ]

**Question 12**

ବିଖ୍ୟାତ ଶିକାରୀ ଘିନୁଆ ଗୋବିନ୍ଦ ସରଦାରକୁ ଶିକାର କରି ବକ୍‌ସିସ୍ ପାଇବାର ଆଶା ରଖିଥିଲା କାହିଁକି ? ଶେଷରେ ସେ କି ବକ୍‌ସିସ୍ ପାଇଲା ? [ 10 ]

## "ଛ' ମାଣ ଆଠଗୁଣ୍ଠ"

## CHHA MANA ATHAGUNTHA

**Question 13**

ଖଣ୍ଡିଏ ଚକଜମି "ଛ' ମାଣ ଆଠଗୁଣ୍ଠ" ଉପରେ ହିଁ ଗତିଶୀଳ ହୋଇଛି "ଛ' ମାଣ ଆଠଗୁଣ୍ଠ" ଉପନ୍ୟାସର କଥାବସ୍ତୁ । [ 10 ]

**Question 14**

ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସାଆନ୍ତାଣୀ - ଉପନ୍ୟାସଟିର ଅବଲମ୍ବନରେ ବିଚାର କର । [ 10 ]

**Question 15**

"ଛ' ମାଣ ଆଠଗୁଣ୍ଠ" ଉପନ୍ୟାସରେ ସମାଜର ଚିତ୍ର କିପରି ପ୍ରତିଫଳିତ ହୋଇଛି ତାହା ଆଲୋଚନା କର । [ 10 ]

---